ଓଡ଼ିଶା ସରକାର

ସାଧାରଣ ପ୍ରଶାସନ ବିଭାଗ

ନଂ- 7703 /ସା.ପ୍ର.ବି. ଭୁବନେଶ୍ୱର ତା- 15 4 97

ପ୍ରେରକ

ଶ୍ରୀ ରାଜ କିଶୋର ଭୁଜବଳ
ମୁଖ୍ୟ ଶାସନ ସଚିବ ।

ପ୍ରାପ୍ତେଷୁ

ସମସ୍ତ ବିଭାଗୀୟ ଶାସନ ସଚିବ ।

ବିଷୟ - କାମଚଳା ( ଆଡ଼ହକ୍ ) ଭିତ୍ତିରେ ଦିଆଯାଇଥିବା ପଦୋନ୍ନତି ର ନିୟମିତ କରଣ ସଂକ୍ରାନ୍ତରେ ।

ମହାଶୟ,

ପଦୋନ୍ନତି କ୍ଷେତ୍ରରେ ବିଭାଗୀୟ ପଦୋନ୍ନତି କମିଟିର ସୁପାରିଶ ପାଇବା ପରେ କାଳ ବିଳମ୍ବ ନକରି ଓଡ଼ିଶା ଲୋକସେବା ଆୟୋଗଙ୍କ ସୁପାରିଶ ନିମିତ୍ତ ପ୍ରସ୍ତାବ ପଠାଇବାର ବ୍ୟବସ୍ଥା ବିଭିନ୍ନ ନିଯୁକ୍ତି ନିୟମାବଳୀରେ ରହିଛି । ଓଡ଼ିଶା ଲୋକସେବା ଆୟୋଗଙ୍କ ସୁପାରିଶକୁ ଅପେକ୍ଷା ନକରି କାମଚଳା ପଦୋନ୍ନତି ଦେବା ସମ୍ବନ୍ଧରେ ଏହି ବିଭାଗର ଅର୍ଦ୍ଧସରକାରୀ ଚିଠି ସଂଖ୍ୟା 1617 ତା-20.1.1992ରେ କେତେକ ନିର୍ଦ୍ଦେଶାବଳୀ ବିଭିନ୍ନ ବିଭାଗଙ୍କୁ ଜଣାଇ ଦିଆଯାଇଥିଲା । ଏହି ନିର୍ଦ୍ଦେଶାବଳୀରେ ବିଭିନ୍ନ ପଦବୀରେ ଯେଉଁସବୁ ଶୂନ୍ୟସ୍ଥାନ ନିର୍ଦ୍ଦିଷ୍ଟ ଭାବେ ଆଗରୁ ଚିହ୍ନିତ କରିହେବ, ସେ କ୍ଷେତ୍ରରେ ପ୍ରଥମେ ଓଡ଼ିଶା ଲୋକସେବା ଆୟୋଗଙ୍କର ସୁପାରିଶ ଆଣିବା ପରେ ପଦୋନ୍ନତି ଦେବା ଏବଂ କେବଳ କେତେକ ବିଶେଷ କ୍ଷେତ୍ରରେ ହିଁ କାମଚଳା ପଦୋନ୍ନତି ଦେବା ପାଇଁ ନିର୍ଦ୍ଦେଶ ରହିଥିଲା ।

2. ଉପରୋକ୍ତ ନିର୍ଦ୍ଦେଶ ସତ୍ତ୍ୱେ ପଦୋନ୍ନତି କ୍ଷେତ୍ରରେ ପ୍ରାୟତଃ କାମଚଳା ପଦୋନ୍ନତି ଦେବାପରେ ଠିକ୍ ସମୟରେ ଓଡ଼ିଶା ଲୋକସେବା ଆୟୋଗଙ୍କର ସୁପାରିଶ ଆଣି ଏହି କାମଚଳା ପଦୋନ୍ନତିକୁ ନିୟମିତକରଣ କରାଯାଉନଥିବା ଏବଂ ଅଯୌକ୍ତିକ ଭାବେ ଏହି କାମଚଳା ନିଯୁକ୍ତିକୁ ପର୍ଯ୍ୟାୟକ୍ରମେ ବୃଦ୍ଧି କରାଯାଉ ଥିବାର ଅନେକ ଦୃଷ୍ଟାନ୍ତ ସରକାରଙ୍କ ଦୃଷ୍ଟିକୁ ଆସିଥିଲା ।

3. ଏହି ପରିପ୍ରେକ୍ଷୀରେ ଏହି ବିଭାଗ ପତ୍ର ସଂଖ୍ୟା 21433 ତା-28.9.95ରିଖରେ କାମଚଳା ଭିତ୍ତିରେ ଦିଆଯାଇଥିବା ପଦୋନ୍ନତି ନିୟମିତ କରଣ ସଂକ୍ରାନ୍ତରେ ପୁନରାୟ ନିର୍ଦ୍ଦେଶାବଳୀ ସମସ୍ତ ବିଭାଗର ଶାସନ ସଚିବ ମାନଙ୍କୁ ଦିଆଯାଇଥିଲା ।

( ଅ.ପୃ.ଦ୍ର. )

4. ଏହାଛଡ଼ା ବିଭିନ୍ନ ରାଜ୍ୟସେବାରେ ନିଯୁକ୍ତି କ୍ଷେତ୍ରରେ ଠିକ୍ ସମୟରେ [illegible] ପଦକ୍ଷେପ ନିଆଯାଉ ନଥିବାରୁ ଟ୍ରିବ୍ୟୁନାଲରେ ଅନେକ ମୋକଦ୍ଦମା ସୃଷ୍ଟି ହେଉଛି । ସ୍ପଷ୍ଟ ସରକାରୀ ନିର୍ଦ୍ଦେଶ ଥିବା ସତ୍ତ୍ୱେ ବିଭାଗୀୟ ପଦୋନ୍ନତି କମିଟିର ସୁପାରିଶ ଭିତ୍ତିରେ କାମଚଳା ପଦୋନ୍ନତି ଦେବା ସମୟରେ ଓଡ଼ିଶା ଲୋକସେବା ଆୟୋଗଙ୍କୁ ତାଙ୍କ ସୁପାରିଶ ଦେବାପାଇଁ ଅନୁରୋଧ କରାଯାଉ ନାହିଁ । ତା'ଛଡ଼ା ଓଡ଼ିଶା ପ୍ରଶାସନିକ ସେବା , ଓଡ଼ିଶା ଅର୍ଥ ସେବା , ଓଡ଼ିଶା ସମବାୟ ସେବା , ଓଡ଼ିଶା ଡାକ୍ତରୀ ସେବା ଓଡ଼ିଶା ଇଞ୍ଜିନିୟରିଂ ସେବା ଇତ୍ୟାଦି ପଦବୀ ଗୁଡିକରେ ପ୍ରତିବର୍ଷ ନିୟମିତ ଭାବେ ଓଡ଼ିଶା ଲୋକସେବା ଆୟୋଗଙ୍କ ସୁପାରିଶ ଆଣି ନିଯୁକ୍ତି ଦିଆଯିବା କ୍ଷେତ୍ରରେ ଚରମ ଅବହେଳାର ଦୃଷ୍ଟାନ୍ତ ସରକାରଙ୍କ ଦୃଷ୍ଟିକୁ ଆସିଛି ।

5. ଏଣୁ ନିୟମିତ ନିଯୁକ୍ତି / ପଦୋନ୍ନତି ଏବଂ କାମଚଳା ପଦୋନ୍ନତି କ୍ଷେତ୍ରରେ ଏ ପ୍ରକାର ଅବ୍ୟବସ୍ଥାକୁ ଦୂର କରିବା ପାଇଁ ସମସ୍ତ ବିଭାଗଙ୍କୁ ନିମ୍ନମତେ ନିର୍ଦ୍ଦେଶ ଦିଆଯାଉଛି ।

(କ) ବିଭିନ୍ନ ନିୟମିତ ସେବାରେ ସିଧାସଳଖ ନିଯୁକ୍ତି ପାଇଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ବିଭିନ୍ନ ବିଭାଗର ସଚିବମାନେ ପୂର୍ବବର୍ଷ ମାନଙ୍କର ଯଥା 1996 , 1995 ଓ 1994 ର ପୂରଣ ହୋଇନଥିବାପଦବୀ ( ଯଦି ଥାଏ ) ସେଗୁଡିକର ତଥା 1997 ରେ ପୂରଣ ହେବାକୁ ଥିବା ସମ୍ଭାବ୍ୟ ଶୂନ୍ୟସ୍ଥାନ ବିବରଣୀ ସହ ସେଗୁଡିକ ପୂରଣ କରିବା ନିମନ୍ତେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଓଡ଼ିଶା ଲୋକସେବା ଆୟୋଗଙ୍କୁ ସାତ ଦିନ ମଧ୍ୟରେ ଅନୁରୋଧ କରିବେ ।

(ଖ) ଏ ପର୍ଯ୍ୟନ୍ତ ବିଭିନ୍ନ ସଂବର୍ଗରେ କାମଚଳା ପଦୋନ୍ନତି ଦିଆଯାଇ ମଧ୍ୟ ଯେଉଁସବୁ କ୍ଷେତ୍ରରେ ସେ ସବୁର ନିୟମିତକରଣ ପାଇଁ ଲୋକସେବା ଆୟୋଗଙ୍କୁ ପ୍ରସ୍ତାବ ପଠାଯାଇ ନାହିଁ ତାହାର ବିବରଣୀ ମୋତେ ସାତ ଦିନ ମଧ୍ୟରେ ପ୍ରଦାନ କରିବେ । ଏହି ସବୁ ପ୍ରସ୍ତାବ ଲୋକସେବା ଆୟୋଗଙ୍କୁ ଉକ୍ତ ସମୟ ମଧ୍ୟରେ ପଠାଇବା ପାଇଁ ମଧ୍ୟ ପଦକ୍ଷେପ ନେବେ ।

(ଘ) 1997 ମସିହା ପାଇଁ ପଦୋନ୍ନତି ଜନିତ ଶୂନ୍ୟସ୍ଥାନ ଗୁଡିକ ପୂରଣ କରିବା ନିମନ୍ତେ ବିଭାଗୀୟ ପଦୋନ୍ନତି କମିଟି ବା ପ୍ରବରଣ ମଣ୍ଡଳୀର ବୈଠକ ନିୟମାନୁଯାୟୀ ଯଥା ସମୟରେ ଅନୁଷ୍ଠିତ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବେ । ପ୍ରବରଣ ମଣ୍ଡଳୀ ବୈଠକର ସାତ ଦିନ ମଧ୍ୟରେ ନିୟମିତକରଣ ପାଇଁ ଲୋକସେବା ଆୟୋଗଙ୍କୁ ପ୍ରସ୍ତାବ ପଠାଯିବା ଆବଶ୍ୟକ ।

ଉପରୋକ୍ତ ନିର୍ଦ୍ଦେଶ ଗୁଡିକ ଅନୁପାଳନ କ୍ଷେତ୍ରରେ କୌଣସି ବ୍ୟତିକ୍ରମ ଘଟିଲେ ସଂପୃକ୍ତ ବିଭାଗୀୟ ଶାସନ ସଚିବ ବ୍ୟକ୍ତିଗତ ଭାବେ ଦାୟୀ ହେବେ ।

ଏହି ପତ୍ରର ପ୍ରାପ୍ତି ସ୍ୱୀକାର ଏହି ବିଭାଗକୁ ସୂଚୀତ କରିବା ପାଇଁ ଅନୁରୋଧ କରାଗଲା ।

ଆପଣଙ୍କର ବିଶ୍ୱସ୍ତ

ମୁଖ୍ୟ ଶାସନ ସଚିବ 11/7/97